ଭାରତୀୟ ଜନତା ଯୁବ ମୋର୍ଚ୍ଚା, ଓଡିଶା
BHARATIYA JANATA YUVA MORCHA, ODISHA
Qr. No.4R-3/2, Unit-3, Janpath, Bhubaneswar-1, E-mail-bjymodisha@gmail.com, Ph.(0674) 2390876/866 Fax-2393955

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ 'ଜବାବ ମାଗୁଛି ଓଡିଶା' ଆନ୍ଦୋଳନ ଆରମ୍ଭ

- ଆସନ୍ତାକାଲି ଭୁବନେଶ୍ୱର ବରମୁଣ୍ଡା ପଡିଆରୁ ହେବ ଶୁଭାରମ୍ଭ
- ନୂଆ ଟେକ୍ନୋଲୋଜି ମାଧ୍ୟମରେ ସାଢେ ୪ କୋଟି ଓଡିଆ ଜବାବ ମାଗିବେ
- ରାଜ୍ୟସରକାରଙ୍କ ଅପାରଗତାକୁ ଲୋକଙ୍କ ସାମ୍ନାରେ ରଖିବେ
- ଘର ଘର ବୁଲିବ ଜବାବ ମାଗୁଛି ଓଡିଶା ରଥ
- ଓଡିଆ ଯୁବକ ଏକ ବଡ ପରିବର୍ତ୍ତନ ପାଇଁ ମନ ବଳାଇଲେଣି

**ଭୁବନେଶ୍ୱର, ତା ୨୫/୧୨ :** ଦୀର୍ଘ ବର୍ଷ ଧରି ସାଢେ ୪ କୋଟି ଓଡିଆ ନିଜ ହକ୍ ପାଇବାରୁ ବଂଚିତ ଅଛନ୍ତି । ଓଡିଶାବାସୀ ଦୀର୍ଘ ୪୦ ବର୍ଷ ଧରି ଓଡିଶାକୁ ଦୁଇ ପଟ୍ଟନାୟକ ପରିବାର ଶାସନ ଗାଦିରେ ବସି ଓଡିଶାକୁ ଲୁଣ୍ଠନ କରିଛନ୍ତି । ସାଧାରଣ ଜନତା ମୌଳିକ ଅଧିକାର ତଥା ସରକାରୀ ଯୋଜନା ପାଇବା ପାଇଁ ପିସି ଦେଉଛି । ପ୍ରତିଦିନ ମହିଳାଙ୍କ ପ୍ରତି ବ୍ୟଭିଚାର ବୃଦ୍ଧି ପାଇବାକୁ ଲାଗିଛି । ମା'କୁ ସମ୍ମାନର ନାରା ଦେଇ ଶାସକ ବିଜେଡି ନାରୀ ଜାତିକୁ ଅପମାନିତ କରି ଚାଲିଛି । ଚାଷୀମାରଣ ନୀତି ଯୋଗୁଁ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି । ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଲୋକ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷାରୁ ବଂଚିତ ଅଛନ୍ତି । ଓଡିଶାର ଯୁବକଯୁବତୀମାନଙ୍କୁ ରୋଜଗାର ଦେବାରେ ରାଜ୍ୟସରକାର ସଂପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ରାଜ୍ୟସରକାର ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରୁନଥିବା କାରଣରୁ ଲକ୍ଷ ଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି । ରାଜ୍ୟସରକାର ୧୯ ବର୍ଷ ଧରି ଖଣି, ପାଣି, ଡାଲି, ଚିଟଫଣ୍ଡ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ଅଛନ୍ତି । ଏହା ବିରୁଧରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ 'ଜବାବ ମାଗୁଛି ଓଡିଶା' ଆନ୍ଦୋଳନ ହେବ ବୋଲି ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଶ୍ରୀ ଟଙ୍କଧର ତ୍ରିପାଠି କହିଛନ୍ତି ।

ଏହି ପ୍ରରିପ୍ରେକ୍ଷୀରେ ଆସନ୍ତାକାଲି ଭୁବନେଶ୍ୱର ବରମୁଣ୍ଡା ପଡିଆରୁ ବିଜେପି ଯୁବମୋର୍ଚ୍ଚା ତରଫରୁ 'ଜବାବ ମାଗୁଛି ଓଡିଶା' ଆନ୍ଦୋଳନର ଶୁଭାରମ୍ଭ ହେବ । ଏହି ଆନ୍ଦୋଳନ ରାଜ୍ୟର ୧୪୭ ବିଧାନସଭା ସମେତ ସମସ୍ତ ଗାଁ, ପଂଚାୟତ, ବ୍ଲକ, ସବଡିଭିଜନରେ ପହଂଚିବ । ନୂଆ ଟେକ୍ନୋଲୋଜି ମାଧ୍ୟମରେ ସାଢେ ୪ କୋଟି ଓଡିଆ ଜବାବ ମାଗିବେ । ଏହି ଆନ୍ଦୋଳନରେ ଜବାବ ମାଗୁଛି ଓଡିଶା ରଥ ବୁଲିବା ସହ ଭିଡିଓ ରେକଡିଂ ଏବଂ ଭଏସ ରେକଡିଂ ମାଧ୍ୟମରେ ଓଡିଶାବାସୀ ରାଜ୍ୟସରକାରଙ୍କୁ ଜବାବ ମାଗିବେ ବୋଲି ଶ୍ରୀ ତ୍ରିପାଠି କହିଛନ୍ତି ।

ଓଡିଆ ଯୁବକ ଏକ ବଡ ପରିବର୍ତ୍ତନ ପାଇଁ ମନ ବାଳାଇ ସାରିଲେଣି । ଏହି ଆନ୍ଦୋଳନ ମାଧ୍ୟମରେ ରାଜ୍ୟସରକାରଙ୍କ ଅପାରଗତାକୁ ସାମ୍ନାକୁ ଅଣାଯିବା ସହ ଆଗାମୀ ଦିନରେ ରାଜ୍ୟବାସୀ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଧରେ ଜବାବ ଦେବେ ବୋଲି ଶ୍ରୀ ତ୍ରିପାଠି କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**